## ଟ୍ରେନ୍‌ରେ କଟି ବୃଦ୍ଧ ମୃତ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଅଧୀନ ଗୋବିନ୍ଦପୁର ଗ୍ରାମର ରାମଚନ୍ଦ୍ର ନାଏକ(୭୩) ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ସେ ରବିବାର ସନ୍ଧ୍ୟାରେ ଧାନକ୍ଷେତ ଦେଖିବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ସନ୍ଧାନ ପାଇ ନ ଥିଲେ। ସୋମବାର ସ୍ଥାନୀୟ ଲୋକେ ରେଳଧାରଣାରେ ଖଣ୍ଡ ବିଖଣ୍ଡିତ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଟାଉନ ଓ ରେଳ ବିଭାଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ସଂକ୍ଷେପରେ

### ଉଦଳାରେ ହେବନାହିଁ ମିଳିତ ଜନଶୁଣାଣି

ବାରିପଦା,୧୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଦୁର୍ଗା ପୂଜା ଉପଲକ୍ଷେ ଚଳିତ ଅକ୍ଟୋବର ମାସ ଚତୁର୍ଥ ସୋମବାର ୨୩ ତାରିଖରେ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଏହି କାରଣରୁ ଉଦଳା ଉପଖଣ୍ଡରେ ଅକ୍ଟୋବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହେବ ନାହିଁ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

କେନ୍ଦୁଝର,୧୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଧରଣୀଧର ମେଡିକାଲ କଲେଜ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ କେନ୍ଦୁଝରଗଡ଼ ପୌରପାଳିକା ୨୧ ନଂ. ୱାର୍ଡର ବିଦ୍ୟାଧର ସେନାପତି(୬୨)। ସେ ଶୌଚ ହେବାକୁ ଯାଇଥିବା ବେଳେ ଅଜଣାଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ବିଦ୍ୟାଧରଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଟାଉନ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଠାକୁରମୁଣ୍ଡା ଥାନାରେ ନୂତନ ଅଧିକାରିଣୀଙ୍କ ଯୋଗଦାନ

ଠାକୁରମୁଣ୍ଡା,୧୬।୧୦(ତାରାକାନ୍ତ ପଟ୍ଟନାୟକ)- ଠାକୁରମୁଣ୍ଡା ଥାନା ଆଇଆଇସିଙ୍କ ବଦଳି ପରେ ନୂତନ ଥାନା ଅଧିକାରିଣୀ ଭାବେ ସାବିତ୍ରୀ ଦଳେଇ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚିଠି ନଂ.୨୪୬୪ ତା.୧୨।୧୦।୨୦୨୩ ଅନୁଯାୟୀ ଏହି ବଦଳି ଆଦେଶ କାର୍ଯ୍ୟକାରୀ ହୋଇଛି। ଠାକୁରମୁଣ୍ଡା ଅଞ୍ଚଳରେ ଘଟୁଥିବା ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନୂଆ ଥାନା ଅଧିକାରିଣୀ କହିଛନ୍ତି।

### 'ଆମେ' ପକ୍ଷରୁ ଅମାବାସ୍ୟା ଆସର

ଭଦ୍ରକ,୧୬।୧୦(ସନାତନ ରାଉତ)- ସାହିତ୍ୟ ସଂସ୍କୃତି ସଙ୍ଗଠନ 'ଆମେ'ର ମହାଳୟା ଅମାବାସ୍ୟା ଆସର 'ପ୍ରଜ୍ଞାପୀଠ'ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସରରେ 'ସମାଜରେ ମିଥ୍ୟାର ଆବଶ୍ୟକତା ଅଛି' ବିଷୟରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା, ଡ. ପ୍ରଫୁଲ୍ଲ କୁମାର ସାହୁ ଓ ରୋଟାରିଆନ ଗୟାଧର ପଣ୍ଡା ଅଂଶଗ୍ରହଣ କରିଥିଲେ। ପ୍ରଜ୍ଞାପୀଠର ସରସ୍ୱତୀ ମଣ୍ଡପକୁ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଅଟଳ ବିହାରୀ ନାୟକ ଉଦ୍‌ଘାଟନ କରିଥିଲେ। ଅଧୀବକ୍ତା ଅଗଣି ଚରଣ ଜେନା, ଡ. ଅବନୀ ପ୍ରଧାନ, ଡ. କୃପାସିନ୍ଧୁ ନାୟକ, ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି, ଅଧ୍ୟାପିକା ମଧୁସ୍ମିତା ନାୟକ, ଅବସରପ୍ରାପ୍ତ ପ୍ରାଧାପିକା ଭାନୁମତୀ ମାଟିଆ, ଚିତ୍ରଶିଳ୍ପୀ ରତିକାନ୍ତ ଦାସ, ଗୀତିକାର ନିର୍ମଳ ସ୍ୱାଇଁ, ଭୀମ ଚରଣ ପରିଡ଼ା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଇଂ ଶଶାଙ୍କ ଶେଖର ପଣ୍ଡା, ସାମାଜିକ କର୍ମୀ ରଜତ ସାହୁ, ଦିଗମ୍ବର ଗୋସ୍ୱାମୀ, ଆଲୋକ କୁମାର ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ସଙ୍ଗଠନର କୋଷାଧକ୍ଷ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଇଓଙ୍କୁ ଅଟକ ରଖିଲେ ହିତାଧିକାରୀ

**ଭତ୍ତା ପ୍ରଦାନରେ ଚଞ୍ଚକତା ଅଭିଯୋଗ**

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତରେ ଭତ୍ତା ପ୍ରଦାନରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଉତ୍ତ୍ୟକ୍ତ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଗିରିଶ ଚନ୍ଦ୍ର ମହାନାଏକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ୪୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ପଞ୍ଚାୟତ ଅଫିସକୁ ବାରମ୍ବାର ଯାଇ ଭତ୍ତା କାର୍ଡ ପାଇଁ ପିଇଓଙ୍କୁ କହିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଭତ୍ତା ହୋଇପାରୁନାହିଁ। ଏପରିକି କିଛି ଦିବ୍ୟାଙ୍ଗ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ମୁନା ମାହାଲି, ସାଉଁରୀ ମାହାଲି, ଚମ୍ପା ମାହାଲି, ବୁଦ୍ଧିଆ ମାହାଲି, ସମାୟ ମାହାଲି ଏବଂ ଅନ୍ୟମାନେ ଅଭିଯୋଗ



ପଞ୍ଚାୟତ ଅଫିସ ଆଗରେ ହୋହଲ୍ଲା କରୁଥିବା ହିତାଧିକାରୀମାନେ।

କରିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ସମ୍ପୃକ୍ତ ପିଇଓ ଚଞ୍ଚକତା କରି ଭତ୍ତା ପ୍ରଦାନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ବିଡିଓ ଜୟକୃଷ୍ଣ ପାତ୍ରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସୋମବାର ଭତ୍ତା ପ୍ରଦାନ ସମୟରେ ପୂର୍ବରୁ ବହୁ ହିତାଧିକାରୀ ପଞ୍ଚାୟତ ଅଫିସରେ ଉପସ୍ଥିତ ଥିଲେ ମଧ୍ୟ ପିଇଓ ମହାନାଏକ ବସ୍ତା ବ୍ଲକ ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଗ ଭତ୍ତା ଟଙ୍କା ପ୍ରଦାନ କରିବାରୁ ଅନ୍ୟ ହିତାଧିକାରୀମାନେ ଉତ୍ତ୍ୟକ୍ତ ହୋଇ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ରଖି ତାଲା ପକାଇ ଦେଇଥିଲେ। ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତାଲା ପଡ଼ିବା ପରେ ଖବର ପାଇ ମୋରଡ଼ା ପୋଲିସ ପହଞ୍ଚି ପିଇଓଙ୍କୁ ଉଦ୍ଧାର କରିଥିଲା। ଏସଂକ୍ରାନ୍ତରେ ସରପଞ୍ଚ ଲାଲମୋହନ ସିଂଙ୍କୁ ପଚାରିବାରୁ ତଦନ୍ତ ସରିଲା ପରେ ବସ୍ତା ଅଞ୍ଚଳର ଉକ୍ତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ସେ ପିଇଓଙ୍କୁ କହିଥିଲେ, କିନ୍ତୁ ସମ୍ପୃକ୍ତ ପିଇଓ ତାଙ୍କ କଥା ଶୁଣି ନ ଥିଲେ ବୋଲି କହିଛନ୍ତି। ପିଇଓ ମହାନାଏକଙ୍କୁ ପଚାରିବାରୁ ଏବାବଦରେ ସେ କିଛି ଜାଣି ନାହାନ୍ତି ଏବଂ ବସ୍ତା ଅଞ୍ଚଳର ଉକ୍ତ ବ୍ୟକ୍ତିଙ୍କ ଭତ୍ତା ଉପଜିଲାପାଳ ମଞ୍ଜୁର କରିଛନ୍ତି ବୋଲି କହିଥିଲେ।

# ପ୍ରଫେସର ସନ୍ତୋଷ ରାଉତଙ୍କୁ ଗୁରୁଦେବ ସମ୍ମାନ




ପ୍ରଫେସର ଡ. ସନ୍ତୋଷ କୁମାର ରାଉତଙ୍କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୧୬।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ସ୍ଥାନୀୟ କଲାମ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷକ ଗୌରବ ସମ୍ମାନ ଉତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଫକୀରମୋହନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ରାଉତଙ୍କୁ ଶ୍ରେଷ୍ଠଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ପ୍ରଫେସର ଡ. ରାଉତ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗତ ୨୦୧୪ରୁ ବାଲେଶ୍ୱର ଜିଲାରେ ଆଜି ପର୍ଯ୍ୟନ୍ତ ଜିଲା ସଂଯୋଜକ ଭାବେ କାର୍ଯ୍ୟ କରି ରାଜ୍ୟସ୍ତରରେ ବାଲେଶ୍ୱର ପାଇଁ ସୁନାମ ଅର୍ଜନ କରିଛନ୍ତି। ତାଙ୍କଠାରୁ ଶିକ୍ଷାଲାଭ କରି ଅନେକ ଛାତ୍ରୀଛାତ୍ର ଆଜି ଦେଶବିଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସୁନାମ ଅର୍ଜନ କରିଛନ୍ତି। ଏତଦ୍‌ବ୍ୟତୀତ ସେ ଜିଲାର ଶିକ୍ଷା ବ୍ୟବସ୍ଥାରେ ଉତ୍ସର୍ଗୀକୃତ ଶିକ୍ଷାସେବା ପାଇଁ ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ପ୍ରଫେସର ଡ. ରାଉତଙ୍କୁ ମାନପତ୍ର ଓ ଉପଢ଼ୌକନ ଦ୍ୱାରା ଗୁରୁଦେବ ସମ୍ମାନରେ ସମ୍ମାନିତ କରାଯାଇଛି।

# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ବରିଷ୍ଠଙ୍କୁ ଅଣଦେଖା



ଭାଜପା ପକ୍ଷରୁ ବାହାରିଥିବା ରାଲିରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

ଭୋଗରାଇ, ୧୬।୧୦(ପ୍ରଦୀପ ଦାସ )

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହେଲିପ୍ୟାଡ ପଡିଆରେ ଶୁକ୍ରବାର 'ମୋ ମାଟି ମୋ ଦେଶ 'ଅମୃତ କଳସ ଯାତ୍ରା ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଯାତ୍ରାରେ ବାଲେଶ୍ୱର ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ଭାଜପା ନେତା ମାନସ ମହାନ୍ତି, ସଞ୍ଜୀବ କୁମାର ସାହୁ, ଆଶିଷ କୁମାର ମହାନ୍ତି, ନନୀ ଗୋପାଳ ପାତ୍ର, ଗୋପାଳ ଚନ୍ଦ୍ର ପଣ୍ଡା, ଅର୍ଚ୍ଚନା ପରିଡା ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ଓ ନିଃସାର୍ଥପର ଦେଶସେବାର ନିଷ୍ଠା, ତ୍ୟାଗ ଓ ଆଦର୍ଶର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ଏମ୍‌ପି ଭାଜପା କର୍ମୀଙ୍କ ସହିତ ଭୋଗରାଇ ତହସିଲରେ ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବର ସ୍ମୃତି ରକ୍ଷା ଲାଗି ବୃକ୍ଷରୋପଣ କରାଯାଇଥିଲା। ମୋ ମାଟି, ମୋ ଦେଶ ସମାବେଶକୁ ନେଇ ବରିଷ୍ଠ ଭାଜପା ନେତା ସୁନୀଲ କୁମାର କର, ଶକ୍ତିପଦ ପାଣ୍ଡେ, ଭବଶଙ୍କର ମହାନ୍ତି, ରବୀନ୍ଦ୍ର ଜେନା, କୌଶିକ ଚାନ୍ଦ, ରାଜକୁମାର ଦାସ, ଅମଳେନ୍ଦୁ ଦାସ, ନୀଳକଣ୍ଠ ଘୋଷ ସହ ଅନ୍ୟ ବରିଷ୍ଠମାନଙ୍କୁ ଆୟୋଜକ ନେତା ନ ଜଣାଇବା ଓ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି। ଭୋଗରାଇରେ ୭ ବର୍ଷ ଧରି କର୍ମୀ ଓ ଛାମୁଆ ନେତାଙ୍କ ନୈତିକ ମନୋବଳ ଦୁର୍ବଳ କରିଦେବାକୁ ଦଳର ମଙ୍ଗ ଧରିଥିବା ନେତାଙ୍କୁ ପ୍ରବୀଣମାନେ ସମାଲୋଚନା କରିବା ସହିତ ନେତୃତ୍ୱ ପରିବର୍ତ୍ତନ ପାଇଁ ରାଜ୍ୟ ଓ ଜିଲା ଭାଜପାନେତାଙ୍କଠାରେ ଦାବି କରିଛନ୍ତି। ନିକଟରେ ପ୍ରବୀଣ, ବଳିଷ୍ଠ ଓ ଛାମୁଆ କର୍ମୀମାନେ ମିଳିତ ହୋଇ ଏକ ବଡଧରଣର ଭାଜପା ସମାବେଶ କରାଇ ଶକ୍ତି ପ୍ରଦର୍ଶନ କରିବା ସହିତ ସାଧାରଣ ନିର୍ବାଚନ ନେଇ ଭବିଷ୍ୟତ ନିର୍ବାଚନୀ ରଣକୌଶଳ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ପ୍ରବୀଣମାନେ ପ୍ରକାଶ କରିଛନ୍ତି।

# ଜଳିଗଲା ଆସବାବପତ୍ର, ନଗଦ ଟଙ୍କା

ଜଳେଶ୍ୱର, ୧୬।୧୦(ରବିନାରାୟଣ ପାତ୍ର)

ଜଳେଶ୍ୱର ମ୍ୟୁନିସିପାଲିଟି ୭ନଂ. ୱାର୍ଡର ବାସିନ୍ଦା ଖଗେଶ୍ୱର ରଣାଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଯୋଗୁ ବ୍ୟାପକ କ୍ଷତି ଘଟିଛି । ଘରର ସମସ୍ତ ଆସବାବପତ୍ର ସହ ନଗଦ ଟଙ୍କା ମଧ୍ୟ ପୋଡିଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ପଡୋଶୀମାନେ ଦେଖି ଜଣାଇଥିଲେ। ଜଳେଶ୍ୱରରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରିବାର ଲୋକଙ୍କ ପିନ୍ଧିଥିବା ଲୁଗା ବ୍ୟତୀତ କୌଣସି ଆସବାବପତ୍ର ଉଦ୍ଧାର କରାଯାଇପାରିନାହିଁ। ଖଗେଶ୍ୱର ଏକ ନୂତନ ଗୃହ ନିର୍ମାଣ ଲାଗି ଦୂରରେ ରହୁଥିବା ପୁଅଠାରୁ ଆସିଥିବା ୮୦ହଜାର ଟଙ୍କା ଆଣିଥିଲେ। ତାହା ପୋଡିଯାଇଛି । ଏହାଛଡା, ଟିଭି, ଫ୍ରିଜ୍, ଆଲମାରି, ଗୁରୁତ୍ୱପୂର୍ଣ୍ଣ କାଗଜ, ଜମିପଟ୍ଟା ଆଦି ପୋଡିଯାଇଛି । ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଥିବା ବେଳେ ଜଳେଶ୍ୱର ଆରଆଇ ଅପରାହ୍ନରେ ପରିଦର୍ଶନ କରିଛନ୍ତି । ଭାଜପା ପକ୍ଷରୁ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ଯୋଗାଇ ଦିଆଯାଇଛି। ଏମ୍‌ପିଙ୍କ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ବନମାଳି ଧ, ସେକଳ ସୁଲତାନ, ସଞ୍ଜୟ ବେରା, ଭାରତ ଧଳ, ସୁବ୍ରତ ବେରା, ପ୍ରହ୍ଲାଦ ପାଣିଗ୍ରାହୀ ପ୍ରମୁଖ କ୍ଷତିଗ୍ରସ୍ତଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଗଣେଶ ଭସାଣିରେ ଦୁଲୁକିଲା ଆନନ୍ଦପୁର

ଘସିପୁରା,୧୬।୧୦(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁରରେ ସୋମବାର ଦୁଇ ପ୍ରମୁଖ କ୍ଲବ୍‌ର ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭସାଣିରେ ଆନନ୍ଦପୁର ବଜାର ଦୁଲୁକିଛି। ଭସାଣି ସମୟରେ ଶାନ୍ତି ଆଇନଶୃଙ୍ଖଳା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ଭସାଣିରେ ଆନନ୍ଦପୁର କଲେଜ ସମ୍ମୁଖରୁ ଫ୍ରେଣ୍ଡ୍ କ୍ଲବ୍‌ର ଗଣେଶ ମେଢ଼ ବାହାରିଥିବାବେଳେ ରାଜପୁତ ସାହିରୁ ସ୍ୱାଇସ୍ କ୍ଲବ୍‌ର ଗଣେଶ ମେଢ଼ ବାହାରିଥିଲା। ତେବେ ମୁହାଁମୁହିଁ ପରିସ୍ଥିତକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରାଶାସନ ପକ୍ଷରୁ ଆନନ୍ଦପୁର ବ୍ରିଜଛକ ନିକଟରେ ପରସ୍ପର ଅତିକ୍ରମ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଥିଲା। ଭଷାଣି ଉତ୍ସବ ଦେଖିବା ପାଇଁ ଆନନ୍ଦପୁର ସହର ଲୋକାରଣ୍ୟ ହୋଇପଡ଼ିଥିଲା। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ନିଜେ ଫୋର୍ସ ସହିତ ଉପସ୍ଥିତି ରହି ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି।




ଗଣେଶ ଭସାଣି ଶୋଭାଯାତ୍ରାରେ ଶିଙ୍ଘବାଜା।

# ବ୍ରାଉନ୍‌ସୁଗାର ଛଡ଼ାଇ ରଖିଲେ ଗ୍ରାମବାସୀ

**କାର୍ଯ୍ୟାନୁଷ୍ଠାନ ପାଇଁ ଥାନାର ଦ୍ୱାରସ୍ଥ**

ଭଦ୍ରକ,୧୬।୧୦(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା ବରାଳପୋଖରୀ ଗ୍ରାମରେ ଦ୍ୱିପ୍ରହରେ ବ୍ରାଉନସୁଗାର ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସୋମବାର ୩ ବେପାରୀଙ୍କଠାରୁ ଗ୍ରାମବାସୀ ବ୍ରାଉନସୁଗାର ଛଡ଼ାଇ ରଖିବା ସହ ଥାନାର ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ୩୦ରେ ଉକ୍ତ ଗ୍ରାମରେ ୩ ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବା ଦେଖି ଗ୍ରାମର ମୁକ୍ତିକାନ୍ତ ମଳିକ ସେମାନଙ୍କୁ ବିରୋଧ କରିଥିଲେ। ଏନେଇ ବଚସା ହେବାରୁ ଯୁବକ ୩ ଜଣ ସଂଘବଦ୍ଧ ଭାବେ ମୁକ୍ତିକାନ୍ତଙ୍କୁ ଆକ୍ରମଣ କରିଥିଲେ। ମୁକ୍ତିକାନ୍ତଙ୍କ ପାଟି ଶୁଣି ଗାଁ ଲୋକେ ଆସିଯିବାରୁ ଯୁବକ ୩ ଜଣ ପଳାଇଯିବା ସମୟରେ ମୁକ୍ତିକାନ୍ତ ସେମାନଙ୍କଠାରୁ କିଛି ବ୍ରାଉନସୁଗାର ପୁଡ଼ିଆ ଛଡ଼ାଇ ରଖିଥିଲେ। ପରେ ଗଣିବାରୁ ୩୬ ପୁଡ଼ିଆ ବୋଲି ଜଣାପଡ଼ିଥିଲା। ଜବତ ପୁଡ଼ିଆକୁ ସାଙ୍ଗରେ ନେଇ ସରପଞ୍ଚ ଜଳେନ୍ଦ୍ର ଶୁକ୍ଳା, ସମିତିସଭ୍ୟା ପ୍ରତିନଧି ତପନ ଦାଶଙ୍କ ସମେତ ଗ୍ରାମବାସୀ ଥାନାଧିକାରୀଙ୍କୁ ଜଣାଇବା ସହ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ମୁକ୍ତିକାନ୍ତଙ୍କୁ ଆକ୍ରମଣ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।



ଥାନା ଆଗରେ ସରପଞ୍ଚ ଓ ଗ୍ରାମବାସୀ।

# ଷ୍ଟେଶନରୁ ମୋବାଇଲ ଲୁଟେରା ଗିରଫ

ରୂପସା,୧୬।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନରୁ ଜିଆର୍‌ପି ଥାନା ପୋଲିସ ଜଣେ ମୋବାଇଲ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ନୂଆବଜାର ଅଞ୍ଚଳର ବାବୁ ଓରଫ ସମ୍ମୁରୁଦ୍ଦିନ। ଏ ସଂକ୍ରାନ୍ତରେ ସୋମବାର ଥାନାରେ ଏକ ମାମଲା (ନଂ. ୧୩୮ /୨୩) ରୁଜୁହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

ମୟୁରଭଞ୍ଜ ଜିଲା ବଡ଼ସାହି ଥାନା ବିଦ୍ୟାଧରଖୁଣ୍ଟା ଗ୍ରାମର ଯୁବକ ରବୀନ୍ଦ୍ର ମହାନ୍ତ ରବିବାର ପୁରୀ-ହାଓ୍ୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍‌ରେ କଟକରୁ ବାଲେଶ୍ୱର ଆସିଥିଲେ। ରାତି ହୋଇଥିବା ଯୋଗୁ ରବୀନ୍ଦ୍ର ଘରକୁ ଯାଇ ନ ପାରି ଷ୍ଟେଶନର ଟିକେଟ ବୁକିଂ କାଉଣ୍ଟର ପାଖରେ ଆଶ୍ରୟ ନେଇଥିଲେ। ସେଠାରେ ଶୋଇଥିବା ଅବସ୍ଥାରେ ତାଙ୍କ ପ୍ୟାଣ୍ଟ ପକେଟରୁ ଦାମୀ ମୋବାଇଲ ଫୋନ୍ ଲୁଟ ହୋଇଥିବା ସେ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଆରପିଏଫ୍ ଏସ୍‌ଆଇ ରିସାବ କୁମାର ଛତର ଏବଂ ଆରପିଏଫ୍ ହାବିଲଦାର ସୂର୍ଯ୍ୟକାନ୍ତ ସାହୁ ଷ୍ଟେଶନ ସମ୍ମୁଖରେ ଅଭିଯୁକ୍ତ ସମ୍ମୁରୁଦ୍ଦିନଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିବାରୁ ସେ ମୋବାଇଲ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କଠାରୁ ଚୋରି ମୋବାଇଲ ଜବତ କରିଛି।

# ମିଳିତ ଜନଶୁଣାଣି, ୧୪୫ ଅଭିଯୋଗ ଆଗତ

ଧାମନଗର,୧୬।୧୦(ଦେବେନ୍ଦ୍ର ଆଢିଆ/ସନ୍ତୋଷ ମହାପାତ୍ର)

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୧୪୫ ଅଭିଯୋଗ ଆଗତ ହୋଇଥିବା ବେଳେ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଗତ ସେପ୍ଟେମ୍ବର ୧୬ ରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ବସନ୍ତ ସାହୁଙ୍କ ହତ୍ୟା ଘଟଣାରେ ପୋଲିସର ନିଷ୍କ୍ରିୟତା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗର ଶୁଣାଣି କରି ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ବସନ୍ତଙ୍କ ପତ୍ନୀ ଏବଂ ଅନ୍ୟ ଅଭିଯୋଗକାରୀଙ୍କୁ ଆଶ୍ୱସନା ଦେଇ ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ସେହିପରି ଧାମନଗର-ଦୋବଲ ମୁଖ୍ୟ ରାସ୍ତା ନିର୍ମାଣ ନିମ୍ନମାନର ହେଉଛି ବୋଲି ଅଭିଯୋଗ ହୋଇଥିଲା। ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନୀରିକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଧାମନଗର-ଚୁଡ଼ାକୁଟି ରାସ୍ତା, ଧାମନଗର- ପଧାନି ରାସ୍ତା, ପଚ୍ଛାଲୋ ରାସ୍ତା, ଗେଙ୍ଗୁଟି ନଦୀର ଦୋବଲଠାରେ ଏକ ନୂତନ ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକାରୀ ନହେବା ଅଭିଯୋଗ ହୋଇଥିଲା। ଡାକ୍ତରଖାନାରେ ଚିକିତ୍ସା ପାଇଁ ୪ ଜଣଙ୍କୁ ୪୩ ହଜାରର ଆର୍ଥିକ ସହାୟତା, ନଦୀଗାଁର ଭିନ୍ନକ୍ଷମ ପବନ ଦାସଙ୍କୁ ଜିଲାପାଳ ହୁଇଲ ଚେୟାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପ ଜିଲାପାଳ ମନୋଜ ପାତ୍ର, ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରା, ତହସିଲଦାର ଦୀପକ ଦାଶ, ବିଡିଓ ବନବିହାରୀ ଦିଣ୍ଡା, ଜିଲା ଚିକିତ୍ସା ଅଧିକାରୀ ସନ୍ତୋଷ ପାତ୍ର, ଜିଲା ପରିଷଦ ସଦସ୍ୟା ଚୁନିବାଳା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିବା ସହ ଶୁଣାଣି କରିଥିଲେ।



ଜନ ଶୁଣାଣି ଶିବିର।

# ଅଧିକାରୀଙ୍କ ଉପସ୍ଥିତିରେ ଖୋଲିଲା ବାଲିଘାଟ

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ନିଲାମ ହୋଇଥିବା ନଦୀ ବାଲିଘାଟଗୁଡ଼ିକ ଲଘୁଖଣିଜ ନିଗମ ହାତକୁ ଗଲା ପରେ ମୟୂରଭଞ୍ଜ ଜିଲାରେ ପ୍ରଥମ ବାଲିଘାଟ ଖୋଲିଛି। ମୋରଡ଼ା ବ୍ଲକର ଜମ୍ବୀରା ନଦୀର ଗଣ୍ଡାଗୁହାଳି-ପାରିଆକୁଲି ଘାଟ ସୋମବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଖୋଲିଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ, କିଛି ମାସ ତଳେ ବାଲିଘାଟଗୁଡ଼ିକ ଖଣି ନିଗମ ହାତକୁ ଯିବା ପରେ ବନ୍ଦ ହୋଇପଡ଼ିଥିଲା। ଏହାର ସୁଯୋଗ ନେଇ ବାଲି ଚୋରମାନେ ରାତି ଅଧରେ ଗଣ୍ଡଗୁହାଳି,ଘୋଳମୁଁହା, ବରକନ୍ଦ, ଭଡ଼ରାନଣ୍ଡା, ପାଟପୁର ଘାଟରୁ ବାଲି ଚୋରି କରି ଚଢ଼ା ଦାମରେ ବିକ୍ରି କରୁଥିଲେ। ବାରିପଦା ମାଇନିଂ ଅଫିସର ଦିଲୀପ କୁମାର ମାହାନା, ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦା ଉପସ୍ଥିତ ରହି ଗଣ୍ଡଗୁହାଳି ଘାଟ ଖୋଲିବା ପାଇଁ ବାଲିଘାଟର ନିଲାମଧାରୀ ବିକ୍ରମ କେଶରୀ ବେହେରାଙ୍କୁ ଅନୁମତି ପ୍ରଦାନ କରିଥିବା ସୂଚନା ମିଳିଛି।

# କାର୍ଯ୍ୟାଳୟରେ ତାଲା ପକାଇଲେ ଟ୍ରକ୍ ମାଲିକ

**■ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

**■ଥାନାରେ ମାମଲା**

କେନ୍ଦୁଝର,୧୬।୧୦(ଦୀପକ ମିଶ୍ର)

କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ଯେତିକି ବିଳମ୍ବ ହେଉଛି ପରିସ୍ଥିତି ସେତିକି ଅଶାନ୍ତ ହେଉଛି। ହାଇକୋର୍ଟ ନଭେମ୍ବର ୧୫ ସୁଦ୍ଧା ନିର୍ବାଚନ କରିବା ପାଇଁ ଆଇଜିଆର ଓଡ଼ିଶାଙ୍କୁ ନିର୍ଦ୍ଦେଶ ଦେବାପରେ ଖୁସି ପରିଲକ୍ଷିତ ହୋଇଥିଲା। ତେବେ ଇତି ମଧ୍ୟରେ ମାସେ ଗଡ଼ିଯିବା ପରେ ବି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନ ଥିବା ବେଳେ ରବିବାର ଜଣେ ଗାଡ଼ି ମାଲିକ ସଂଘ କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ସୋମବାର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ ସମ୍ପାଦକ ପ୍ରଦୀପ ବାରିକ, ଅୟସକାନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସଂଘର ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ସିଜ୍ କରିଛି।

ସୂଚନା ଥାଉକି, ଓଡ଼ିଶାର ନୂତନ ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ (ଆଇଜିଆର) ସୁବ୍ରତ ଶତପଥୀ କହିଛନ୍ତି, ଗତ ଶୁକ୍ରବାର ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ନାହାନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କିପରି କାର୍ଯ୍ୟକାରୀ କରାଯିବ ସରକାରଙ୍କ ମତ ମଗାଯାଇଛି। ପରେ ଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉପଦେଷ୍ଟା ଗୋପାଳ କୃଷ୍ଣ ପରିଡ଼ା କହିଛନ୍ତି, କିଛି ମାଲିକଙ୍କ ଏକ ଅଯୌକ୍ତିକ ଦାବି ସେ ଅଗ୍ରାହ୍ୟ କରିବାରୁ ଏଭଳି ପରିସ୍ଥିତି ହୋଇଛି। ଏ ସଂଘର ଭବିଷ୍ୟତ ଅନ୍ଧକାର ବୋଲି ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ତେବେ ଏହା ପଛରେ ଏକ କୁଚକ୍ରି ଗୋଷ୍ଠୀ ରାଜ୍ୟର ଏକ ବୃହତ୍ତମ ସଂଘକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କିଛି ଟ୍ରକ ମାଲିକ ପ୍ରକାଶ କରିଛନ୍ତି। ସଂଘ ପରିଚାଳନାରେ ସମସ୍ୟା ଉପୁଜି ଥିବା ବେଳେ ଆଇଜିଆରଙ୍କ ଅଫିସରୁ ସଂଘର ଉପଦେଷ୍ଟା ଓ ପୂର୍ବତନ ସମ୍ପାଦକଙ୍କୁ ଗତ ୧୨ ତାରିଖରେ ଚିଠି (ନଂ.୪୪୫୨ ଓ ୪୪୫୩ )ରେ ସଂଘର ବାଇ ଲ ଅନୁଯାୟୀ ଯିଏ ସଂଘ ପରିଚାଳନା ନେଇ ଉଲ୍ଲେଖ ଥିବ, ସେ ପରିଚାଳନା କରିପାରିବେ ବୋଲି ଜଣାଇଥିଲେ। ଚିଠି ବାବଦରେ ଅନୁଶାସନ ସଚିବ ସ୍ମିତା ମହାନ୍ତି କହିଛନ୍ତି, ବାଇ ଲ ଅନୁସାରେ ସଂଘ ପରିଚାଳନା ହେବା କଥା, ତେବେ ସଂଘ ପରିଚାଳନା ଦାୟିତ୍ୱ ଆଇଜିଆର ନିଅନ୍ତି ନାହିଁ । ଏହାକୁ ଭୁଲ ଭାବେ ବୁଝାଯାଉଛି ବୋଲି ସେ କହିଛନ୍ତି।

**ସୋର ବଜାରରେ ଉଠାଦୋକାନୀଙ୍କୁ ଉଚ୍ଛେଦ**

ସୋର,(ଜନ୍ମେଜୟ ମିଶ୍ର): ସୋର ପୌରପାଳିକା ପକ୍ଷରୁ ବଜାରର ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଉଚ୍ଛେଦ ଲାଗି ପୌରପାଳିକା ତରଫରୁ ନୋଟିସ ଦିଆଯାଇଥିଲେ ହେଁ ତାହାକୁ ସେମାନେ ସମୟ ସୀମା ମଧ୍ୟରେ ଉଠାଇ ନ ଥିଲେ। ପୌରପାଳିକା ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୌରପାଳିକା କର୍ମଚାରୀ ଜେସିବି ଦ୍ୱାରା ଉଚ୍ଛେଦ କରିଛନ୍ତି। ଡାକ୍ତରଖାନାଛକଠାରୁ ମୋବାରକପୁର ଛକ ପର୍ଯ୍ୟନ୍ତ ରାସ୍ତା ଅବରୋଧ କାରି ଦୋକାନ ଉଚ୍ଛେଦ କରାଯାଇଛି। ଗଣ୍ଡଗୋଳ ଆଶଙ୍କା କରି ସ୍ଥାନୀୟ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

ଭଦ୍ରକ

- କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ, ସ୍ଥାନ: ବନ୍ତ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ବସ୍‌ଷ୍ଟାଣ୍ଡ ଛକ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।

## ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ଚମ୍ପୁଆ,୧୬।୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଜନ୍ମ ଦିବସରେ ଉପଖଣ୍ଡ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇ ନିରାଡମ୍ବରଭାବେ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ଏନ୍‌ଏସିର ୧୩ ଗୋଟି ୱାର୍ଡର କାଉନ୍‌ସିଲୋର, ବିଜେଡି କର୍ମୀମାନେ ଉପସ୍ଥିତ ରହି ରୋଗୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ।

## ସ୍କ୍ରାପ୍ ଚୋରି ଅଭିଯୋଗରେ ୨ଗିରଫ

କେନ୍ଦୁଝର,୧୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ନୟାକୋଟ ପୋଲିସ ସ୍କ୍ରାପ୍ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ନୟାଗଡ଼ ଅଞ୍ଚଳର ଦିଲ୍ଲୁ ବିଶ୍ୱାଳ (୨୪) ଓ ମିଥୁନ ଦଳେଇ(୩୦) ବୋଲି ଜଣାପଡିଛି। ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଜମ୍ବିରପଶି ହାଇସ୍କୁଲରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଛି। ଗତ ଶନିବାର ରାତିରେ ସ୍କୁଲ ପରିସରରୁ ଲୁହାରଡ ଏବଂ ସେଣ୍ଟରିଂ ପ୍ଲେଟ ଚୋରି ହୋଇଥିଲା। ଏ ନେଇ ଠିକାଦାର ପବିତ୍ର ମୋହନ ପଲେଇ ଅଭିଯୋଗ କରିବା ପରେ ନୟାକୋଟ ପୋଲିସ ତଦନ୍ତ କରି ଏକ ମାମଲା (ନଂ.୯୩/୨୩)ରେ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। ତାଙ୍କ ଠାରୁ ଚୋରିସମାଗ୍ରୀ ଜବତ କରାଯାଇଛି। ସେମାନେ ଅନ୍ୟ କେଉଁ ଚୋରିରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ଦିଗରେ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଜେନା ଖାଲକୋ କହିଛନ୍ତି।

## ମୋଟର ସାଇକେଲ ଧକ୍କାରେ ୪ ଛାତ୍ର ଆହତ

ଔପଦା, ୧୬।୧୦(ଧରିତ୍ରୀ ପଣ୍ଡା)– ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ ପବିତ୍ରା ଦେବୀ ଶିଶୁ ଭବନ ଆଶ୍ରମରେ ରହୁଥିବା ୪ଜଣ ଛାତ୍ର ମୋଟର ସାଇକେଲ ଧକ୍କାରେ ଆହତ ହୋଇଛନ୍ତି। ଏହି ଛାତ୍ରମାନେ ସ୍ଥାନୀୟ ପାତ୍ରସାହି ପ୍ରାଥମିକ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ। ସ୍କୁଲରେ ପରୀକ୍ଷା ଚାଲିଥିବାରୁ ସେମାନେ ଆଶ୍ରମକୁ ଫେରୁଥିବା ବେଳେ ଔପଦା–ବଡ଼ପୋଖରୀ ମୁଖ୍ୟରାସ୍ତାରେ ବିପରୀତ ଦିଗରୁ ଏକ ମୋଟର ସାଇକେଲ ଆସି ଛାତ୍ରମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଚତୁର୍ଥ ଶ୍ରେଣୀ ଛାତ୍ର ଗୌରୀ ସିଂ ଗୁରୁତର ହୋଇଥିଲେ। ଆଶ୍ରମ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରଙ୍କୁ ଚିକିତ୍ସା ପାଇଁ ଔପଦା ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାରେ ତୃତୀୟ ଶ୍ରେଣୀର ଛାତ୍ର ସତ୍ୟଜିତ ମଲ୍ଲିକ, ଈଶ୍ୱର ଦେଉରୀ ଓ ପଞ୍ଚମ ଶ୍ରେଣୀର ଛାତ୍ର ଦିବାକର ସିଂ ଆହତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ମାଙ୍କଡ଼ପଡା ଅଞ୍ଚଳର ହରି ମାରାଣ୍ଡି ବାଇକ୍ ଯୋଗେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସେହି ସମୟରେ ଯାଉଥିବା ବଡ଼ପୋଖରୀ ଅଞ୍ଚଳର ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ବେହେରା ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ।

# ଆଶ୍ୱାସନାରେ ଝୁଲିଲା ବୈଶିଙ୍ଗା ଡାକ୍ତରଖାନାର ଭାଗ୍ୟ

ବୈଶିଙ୍ଗା,୧୬।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାର ଭାଗ୍ୟ ଆଶ୍ୱାସନାରେ ଝୁଲି ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବଦଳରେ ୩୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ର ହେବା ନେଇ ପ୍ରତିଶ୍ରୁତି ମିଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି।

ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଦୀର୍ଘ ୩୦ ବର୍ଷ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ଏହି ଦାବି ପୂରଣ ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀରୁ ଚାଲିଥିବା ରିଲେ ଅନଶନ ୧୨ ଦିନରେ ପହଞ୍ଚିବା ପରେ ବିଜେଡିର ବରିଷ୍ଠ ନେତୃବୃନ୍ଦ ପ୍ରତିଶ୍ରୁତି ଦେବାରୁ ଏହି ଅନଶନକୁ ସ୍ଥଗିତ ରଖାଯାଇଥିଲା। ଦାବି ସମ୍ପର୍କରେ ଆଲୋଚନା ସକାଶେ ସରକାରଙ୍କଠାରୁ ଡାକରା ପାଇ ଗତ ୧୩ ତାରିଖରେ ଆଞ୍ଚଳିକ ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ପହଞ୍ଚିଥିଲେ। ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନାରେ ବିକାଶ ପରିଷଦର ସଦସ୍ୟଙ୍କ ସହ ବିଜୁ ଜନତା ଦଳର ବଡସାହି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ମୟୂରଭଞ୍ଜ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝି , ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ୩୬ନଂ ଜିଲା ପରିଷଦ ସଦସ୍ୟା ସବିତା ଦାସ, ୩୭ ନଂ. ଜିଲା ପରିଷଦ ସଦସ୍ୟା ଧାନୀ କିସ୍କୁ, ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବୃନ୍ଦାବନ ଦାସ, ବିଜେଡି ନେତା ଶୁଭ୍ରାନ୍ତ ତିଆଡି, ରବି ନାରାୟଣ ପଣ୍ଡା, ବେତନଟୀ ବ୍ଲକ ସଭାପତି ସନ୍ତକ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପରିତାପର ବିଷୟ ଯେ, ଆଞ୍ଚଳିକ ବିକାଶ ପରିଷଦର ମୂଳ ଦାବି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିବର୍ତ୍ତେ ୩୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସା ଗୃହ, ଅଧିକ ଡାକ୍ତର, ଅତ୍ୟାଧୁନିକ ଚିକିତ୍ସା ସେବାର ସୁବନ୍ଦୋବସ୍ତ କରାଯିବା ଏବଂ ଡିସେମ୍ବର ୩୧ ତାରିଖ ସୁଦ୍ଧା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ମିଳିଥିଲା। ତେବେ ରାଜଧାନୀରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଘୋଷଣା ଖବର ଆସିବାକୁ ଚାହିଁ ବସିଥିବା ସମଗ୍ର ଅଞ୍ଚଳବାସୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି।

# ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ



ଅତିଥିଙ୍କ ଗହଣରେ ଟ୍ରାଇସାଇକେଲଧାରୀ ଦିବ୍ୟାଙ୍ଗ।

ସିମୁଳିଆ, ୧୬।୧୦(ସନ୍ତୋଷ ନାୟକ)

ସିମୁଳିଆ ବ୍ଲକ ପରିସରରେ ସୋମବାର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଯୋଜନାରେ ଦିବ୍ୟାଙ୍ଗ ଓ ବିପିଏଲ୍‌ଧାରୀ ବରିଷ୍ଠ ନାଗରିକଙ୍କ ପାଇଁ କୃତ୍ରିମ ଯନ୍ତ୍ରପାତି ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା ।

ସିମୁଳିଆ ବିଡିଓ ପୃଥିରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ୩୬ଜଣ ଦିବ୍ୟାଙ୍ଗଙ୍କୁ ଶ୍ରବଣଯନ୍ତ୍ର, ୨୪ଜଣଙ୍କୁ ଟ୍ରାଇ ସାଇକେଲ ଓ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ସେହିପରି ମହିଳାଙ୍କୁ ସଶକ୍ତିକରଣ ପାଇଁ 'ଗତି ହିଁ ଶକ୍ତି' ପାଇଁ ୩୦ଜଣଙ୍କୁ ସ୍କୁଟି ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ଅବସରରେ ୧୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ରୂପେ ବିଧାୟକ ଓ ଏମ୍‌ପି ଯୋଗ ଦେଇଥିଲେ।

# ଜେଏସ୍‌ପି କାସିଆ ଖଣି ପକ୍ଷରୁ ଅମୃତ କଳସ ଶୋଭାଯାତ୍ରା



ଜେଏସ୍‌ପି କାସିଆ ମାଇନ୍ସର ଅଧିକାରୀମାନେ ଓ ସ୍ଥାନୀୟ ଲୋକେ।

ଯୋଡା,୧୬।୧୦(ମାନସ ମହାନ୍ତି)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର କାସିଆ ମାଇନ୍ସରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ମେରି ମାଟି ମେରା ଦେଶ' ଏବଂ ଅମୃତ କଳସଯାତ୍ରା ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରାରେ ଜେଏସ୍‌ପିର କର୍ମଚାରୀ, ବରିଷ୍ଠ ଅଧିକାରୀ ଏବଂ ନିକଟସ୍ଥ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଶୋଭାଯାତ୍ରା କଲୋନୀଠାରୁ ଆରମ୍ଭ ହୋଇ କାସିଆ ଖଣି ପରିସରକୁ ଯାଇଥିଲା। ସେଠାରେ ଉପସ୍ଥିତ ଅଧିକାରୀ ଯଥା ମାଇନ୍ସ ମୁଖ୍ୟ ପ୍ରମୋଦ ପାତ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସନ୍ତୋଷ ଚୌଧୁରୀ, ରଣଜିତ୍ ଚୌଧୁରୀ, ରାଜନୀଶ ଚର୍ତୁବେଦୀ ପ୍ରମୁଖ ଉପସ୍ଥିତ ରହି ଭୂମିପୂଜନ କରି ମୃତ୍ତିକା ସଂଗ୍ରହ କରିବା ସହିତ ବିଭିନ୍ନ ବୃକ୍ଷଚାରାକୁ ଅମୃତ କଳସରେ ସ୍ଥାପନା କରିଥିଲେ। ପରେ ସେଠାରୁ 'ମେରି ମାଟି ମେରା ଦେଶ'ର ସ୍ଲୋଗାନ ସହ କଲୋନୀ ଅଭିମୁଖେ ଯାତ୍ରା କରିଥିଲେ। ପରେ ଅମୃତ କଳସ ଦୁଇଟିକୁ ଭୁବନେଶ୍ୱରସ୍ଥିତ ଆଇବିଏମ କାର୍ଯ୍ୟାଳୟକୁ ପଠାଯାଇଥିଲା। ବିରପୁତ୍ରଙ୍କୁ ସମ୍ମାନ ଦେବା ପାଇଁ ଇଣ୍ଡିୟାନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ) ଦ୍ୱାରା ଏହି କାର୍ଯ୍ୟକ୍ରମ ପାଳନ କରିବାକୁ କାସିଆ ମାଇନ୍ସକୁ ଚୟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ମାନବ ସମ୍ବଳ ବିଭାଗର ଚନ୍ଦ୍ର ଶେଖର ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଭାଜପା ପକ୍ଷରୁ ବ୍ଲକ ଘେରାଉ

ରାଇବଣିଆ, ୧୬।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍‌ରେ ସୋମବାର ଜଳେଶ୍ୱର ବଡ଼ବଜାର ଛକଠାରୁ ଭାଜପା ପକ୍ଷରୁ ଏକ ରାଲି ବାହାରି ବ୍ଲକ ଛକରେ ପହଞ୍ଚିବା ପରେ ଧାରଣା ଦିଆଯାଇଥିଲା। କେନ୍ଦ୍ରସରକାର ଦେଉଥିବା ପ୍ରଧାନମନ୍ତ୍ରୀ ଆବାସ ଚୟନରେ ମହାଦୁର୍ନୀତି ହେଉଥିବା ଅଭିଯୋଗ ହୋଇଥିଲା। ଦଲାଲମାନଙ୍କ ସହାୟତାରେ ଧନୀ ଶ୍ରେଣୀର ଲୋକଙ୍କୁ ଘର, ଯୋଗ୍ୟ ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯିବା, କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନାରେ ଦୁର୍ନୀତି, ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୫–ଟି ସ୍କୁଲ୍ ନିର୍ମାଣରେ ଦୁର୍ନୀତି, ନିମ୍ନମାନର କାମ ଏବଂ ସୁବର୍ଣ୍ଣରେଖାରେ ବାଲି ଉଠାଣରେ ସରକାର କଟକଣା ଲଗାଇଥିବାରୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ପାଇଁ ହିତାଧିକାରୀମାନେ ବାଲି ପାଉନାହାନ୍ତି। ଫଳରେ ଧାର୍ଯ୍ୟ ସମୟରେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଭାଜପା ଯୁବନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଭାଜପା ପକ୍ଷରୁ ପଶ୍ଚିମବାର୍ଡ଼ର ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ସେନାପତି, ରାଇବଣିଆ ମଣ୍ଡଳ ସଭାପତି ମନୋଜ କୁମାର ସାସମଲ୍, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି, ପ୍ରଣବ କୁମାର ପଣ୍ଡା, ପଶ୍ଚିମବାର୍ଡ଼ ପଞ୍ଚାୟତ ସରପଞ୍ଚ ଶମ୍ଭୁ ଜେନା, ସଞ୍ଜୀବ ରାଉତ, ଅଚ୍ୟୁତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଡିଓ ପୁନମ୍ ରାଉତ ଦାବିପତ୍ର ନେଇଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା





ମଞ୍ଚରେ ଉପସ୍ଥିତ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଅନ୍ୟମାନେ।

କରଞ୍ଜିଆ,୧୬।୧୦(କବିତା ମହାନ୍ତ)

କରଞ୍ଜିଆ ମିଳନ ପଡ଼ିଆଠାରେ ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୃଷି ଯନ୍ତ୍ରପାତିର ଉପଯୋଗୀତା ସମ୍ପର୍କରେ ମୁଖ୍ୟ ଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଠାକୁରମୁଣ୍ଡା ବିଡିଓ ଅକ୍ଷୟ ପିଲେ ଉପସ୍ଥିତ ଥିଲେ। ଏହି ଅବସରରେ ଉପଖଣ୍ଡର ଅଗ୍ରଣୀ ଚାଷୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାଣ୍ଡିଆ ମା' ଭାବେ ପରିଚିତ ଯଶିପୁର ବ୍ଲକ ଅଞ୍ଚଳର ସୁବାସା ମହାନ୍ତଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୃଷକମାନଙ୍କୁ ଯନ୍ତ୍ରାଂଶ ଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ବୈଷୟିକ ଆଲୋଚନା କରାଯାଇଥିଲା।

# ବିଦାୟ ନେଲେ ପିଲା ଗଣେଶ



ଅଘୋରି ନୃତ୍ୟ ପରିବେଷଣ କରାଯାଉଛି।

ଭଦ୍ରକ,୧୬।୧୦(ସନାତନ ରାଉତ)

ଭଦ୍ରକ ପୌରାଞ୍ଚଳର କୁଆଁସଠାରେ ଏକମାସ ଧରି ପୂଜା ପାଇ ଆସୁଥିବା ପିଲା ଗଣେଶଙ୍କୁ ଧୁମ୍‌ଧାମରେ ସୋମବାର ବିଦାୟ ଦିଆଯାଇଛି। ଅପରାହ୍ନରେ ପୂଜା ମଣ୍ଡପଠାରୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ସହର ପରିକ୍ରମା କରିବା ପରେ ସାଳନ୍ଦୀ କୁଆଁସ ଘାଟରେ ବିସର୍ଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲା ସମେତ ରାଜ୍ୟ ବାହାରୁ ସିଂହବାଜା, ମାଦଳବାଜା ଓ ବିଭିନ୍ନ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ନୃତ୍ୟ ସଙ୍ଗୀତ, ମୟୂରଭଞ୍ଜ ଜିଲାର ଆଦିବାସୀ ନୃତ୍ୟ ଓ ଅଘୋରି ନୃତ୍ୟ ସହରକୁ ପ୍ରକମ୍ପିତ କରିବା ସହ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଭସାଣିର ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ପକ୍ଷରୁ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। କମିଟି ସଭାପତି ସଞ୍ଜୀବ କୁମାର ଦାସ, ସମ୍ପାଦକ ପ୍ରଭାତ ମହାନ୍ତି ଓ ଅଭିନାଶ ପଟ୍ଟନାୟକଙ୍କ ସମେତ କମିଟିର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଭସାଣି କାର୍ଯ୍ୟକ୍ରମ ହୋଇଥିଲା।

## ସ୍ୱାସ୍ଥ୍ୟ ସମସ୍ୟା ନେଇ ଅଭିଯୋଗ କଲେ କଂଗ୍ରେସ ନେତା

ପାଟଣା,୧୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା, ସାହାରପଡ଼ା, ଚମ୍ପୁଆ ଓ ଝୁମ୍ପୁର ବ୍ଲକ୍‌ର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୌଳିକ ସମସ୍ୟା ସହ ଭିତ୍ତି ଭୂମିର ବିକାଶ ନେଇ କଂଗ୍ରେସ ଯୁବନେତା ତଥା ରାଜ୍ୟ ପିସିସି ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ଇଂ ବିନୋଦ ବିହାରୀ ନାଏକ ସୋମବାର ଭୁବନେଶ୍ୱରସ୍ଥିତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ପାଟଣା ଓ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ, ଭେଷଜ ଓ ଆନେସଥେସିଆ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତର ପଦବୀ ଖାଲିପଡ଼ିଥିବା ବେଳେ ତୁରନ୍ତ ପୂରଣ, ପାଟଣାଠାରେ ଏକ ରକ୍ତ ଭଣ୍ଡାର ନିର୍ମାଣ, ପାଟଣା ଶବ ବ୍ୟବଚ୍ଛେଦ ଗୃହର ସୁରକ୍ଷା ଓ ଉନ୍ନତୀକରଣ, କେନ୍ଦେଇପଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବରଦଖଲ ଉଚ୍ଛେଦ, ଡାକ୍ତର, ନର୍ସ, ଲ୍ୟାବ ଟେକନିସିଆନ ପଦବୀ ପୂରଣ, କର୍ମଚାରୀଙ୍କ ସକାଶେ ଷ୍ଟାଫ କ୍ୱାଟର ନିର୍ମାଣ ଆଦି ଦାବି ସମ୍ବଳିତ ଦାବିପତ୍ରକୁ ପ୍ରଦାନ କରିଛନ୍ତି।

# ୨ ଦିନ ହେଲା ସୁଲଭ ଶୌଚାଳୟ ଅଚଳ

**ଯୋଡ଼ା ପରିବା ମାର୍କେଟ**

ଯୋଡ଼ା,୧୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟ ପରିବା ମାର୍କେଟ ନିକଟରେ ଥିବା ସୁଲଭ ଶୌଚାଳୟ ୨ ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ଶୌଚ ଓ ସ୍ନାନ ପାଇଁ ସମସ୍ୟା ଭୋଗୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ, ଉକ୍ତ ଶୌଚାଳୟ ଉପରେ ବସ ଯାତ୍ରୀ, ପରିବା ବ୍ୟବସାୟୀ, ଚାଷୀ ତଥା ଆଖପାଖ ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି। ଅଚଳାବସ୍ଥା ଯୋଗୁ ଧ୍ରୁବ ପ୍ରଧାନ, କାଙ୍ଗାଳି ଗିରି, ଜୟକୃଷ୍ଣ ସେଠୀ, ମାଣ୍ଡୁ ଗିରି, ମାୟା ପ୍ରଧାନ ପ୍ରମୁଖ ଅଭିଯୋଗ କରି କହିଛନ୍ତି, ଦୀର୍ଘ ବର୍ଷ ହେବ ଶୌଚାଳୟର ମରାମତି କରାଯାଇନାହିଁ। ଏଥିସହ ସେପ୍ଟି ଟ୍ୟାଙ୍କ ସଫା କରାଯାଉନାହିଁ। ଚାରିଆଡ଼େ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ପୌର ପାଳିକାର ସେସ୍‌ପୁଲ ଗାଡ଼ି ଟାଙ୍କି ସଫା କରିବା ପାଇଁ ଆସୁନାହିଁ। ଫଳରେ ବହୁ ଦୂରଦୁରାନ୍ତରୁ ଦୈନିକ ଆସୁଥିବା ଚାଷୀ ଓ ବ୍ୟବସାୟୀମାନେ ଶୌଚାଳୟ ଅଚଳ କାରଣରୁ ହୀନସ୍ଥା ହେଉଛନ୍ତି। ବିଶେଷ କରି ମହିଳାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ଏ ନେଇ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ଖୁବଶୀଘ୍ର ଏଥିରେ ସୁଧାର ଅଣାଯାଇ ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଥିଲେ।

## ପ୍ରଧାନଶିକ୍ଷକଙ୍କୁ ନେଇ ସୁନେତ୍ର ସଚେତନତା

ଚମ୍ପୁଆ,୧୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ୧୭୩ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ସୁନେତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦୃଷ୍ଟି ବାଧକ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଅକ୍ଟୋବର ୧୯ ସୁଧା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେବାକୁ ସୂଚନା ଦିଆଯାଇଥିଲା। ଏହାର ନିରାକାରଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଭଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ତୁଷାର ରଞ୍ଜନ ମାଲୁଆ କହିଛନ୍ତି। ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ସହାୟକ ନାରାୟଣ ନାଏକ, ବିଆରଟି ସରୋଜ ଦାସ ପରିଚାଳନା କରିଥିଲେ।

# ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୬।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ଖବରକାଗଜର ବିତରକ ସଂଘର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ ସଭା ପରିଚାଳନା କରି ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ସଂଘର ଉପସଭାପତି ଅଭୟ ପ୍ରଧାନ ସଂଘ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବା ଜାଗା ସହ ଘର ନିମନ୍ତେ ଦାବି ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଇଂ. ରବୀନ୍ଦ୍ର କୁମାର ଜେନା ଉକ୍ତ ବିଷୟକୁ ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜଙ୍କ ସହିତ ଗୁରୁତ୍ୱର ସହିତ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ ଯୋଗଦେଇ ଖବରକାଗଜ ବିତରକମାନେ ପ୍ରତିଦିନ ସକାଳେ ଲୋକଙ୍କ ନିକଟରେ ପହଞ୍ଚାଉଥିବା ଖବରକାଗଜ କାର୍ଯ୍ୟ ସରଳ ନୁହେଁ ବୋଲି ପ୍ରକାଶ କରିବା ସହ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଦୁର୍ଗୋତ୍ସବ ଅବସରରେ ସଂଘ ତରଫରୁ ସମସ୍ତ ସଭ୍ୟଙ୍କୁ ୨ହଜାର ଟଙ୍କା ଲେଖାଏ ପୂଜା ବୋନସ୍ ପ୍ରଦାନ କରାଯାଇଥିଲା। ସଂଘର ସମ୍ପାଦକ ଅନିରୁଦ୍ଧ ଲେଙ୍କା, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ତପସ୍ୱୀ ଏବଂ ସଭ୍ୟ କରୁଣାକର ରାଉତ, ରତିକାନ୍ତ ରାଉତ, ଶଶିକାନ୍ତ କୁଅଁର, ଶ୍ରୀକାନ୍ତ କୁଅଁର, କମଳଲୋଚନ ରାଉତ, ଅଜୟ ଲେଙ୍କା ଓ ବିଜୟ ସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ–ସମ୍ପାଦକ ଗୌରଗୋପାଳ ଦାସ ଧନ୍ୟବାଦ ଦେଇଥିଲେ।





ବାର୍ଷିକ ଉତ୍ସବରେ ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା।

# ଶିକ୍ଷାବିତ୍ ସଦାଶିବ ନାୟକ ଏକ ସାରସ୍ୱତ ଧ୍ରୁବତାରା

ଭଦ୍ରକ,୧୬।୧୦(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ଆମ ମାତୃଭାଷା ପରିଷଦ ଓ ସଦାଶିବ ନାୟକ ଅଭିନନ୍ଦନ କମିଟି ଆନୁକୁଲ୍ୟରେ ଶିକ୍ଷାବିତ୍ ସଦାଶିବ ନାୟକଙ୍କ ପୁସ୍ତକ 'ସ୍ୱୟଂସିଦ୍ଧ ସଦାଶିବ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦାଶିବ ନାୟକ ଶିକ୍ଷା ଜଗତରେ ଯେପରି ସଫଳ ଶିକ୍ଷାବିତ୍ ଭାବରେ ଅନନ୍ୟ ପରିଚୟ ସୃଷ୍ଟି କରିଛନ୍ତି, ସେପରି ସାରସ୍ୱତ ସାଧକ ଭାବେ ଓଡ଼ିଆ ସାହିତ୍ୟ ଆକାଶରେ ଧ୍ରୁବତାରା ଭଳି ପ୍ରତୀୟମାନ ହୋଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ବ୍ରଜମୋହନ ମିଶ୍ର, ବରେଣ୍ୟ ଅତିଥି ସାହିତ୍ୟ ଏକାଡେମୀ ସଦସ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ, ଅନ୍ୟତମ ଅତିଥି ପ୍ରଶାନ୍ତ ମହାପାତ୍ର, ଅଜୟ କୁମାର ମହାପାତ୍ର, ଇଂ ସତ୍ୟବ୍ରତ ନାୟକ, ସମ୍ପାଦକ କ୍ଷୀରୋଦ କୁମାର ମିଶ୍ର, ସ୍ୱୟଂସିଦ୍ଧ ସଦାଶିବ ପୁସ୍ତକର ସମୀକ୍ଷକ ଓ ପ୍ରେମ ପୃଥିବୀର ସଭାପତି କୈଳାଶ ଚନ୍ଦ୍ର ପଣ୍ଡା, ସାବିତ୍ରୀ ନାୟକ, ଡା. ହରେକୃଷ୍ଣ ନାୟକ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ନାୟକ, ବାବୁଲାଲ ଦାସ, ସୁଧାକର ରାଉତ, ଶିକ୍ଷାବତ୍ ହରେକୃଷ୍ଣ ପଣ୍ଡା, ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ଅନୀଲ କୁମାର ଦାଶ ସମ୍ପାଦକୀୟ ପାଠ କରିଥିବା ବେଳେ ଅଧ୍ୟାପକ ନିହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ ଓ ସୁବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।





ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ୨୭୩ ଲିଟର ମଦ ଜବତ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଲୁଆଲ): ଖୁଣ୍ଟା ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ସୋମବାର ମିଳିତ ଚଢ଼ାଉ କରାଯାଇ ମୋଟ ୨୭୩ ଲିଟର ଚୋରା ମହୁଲି ମଦ ଓ ବିପୁଳ ପରିମାଣର ପୋଚ ଜବତ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ଶୁଭଦର୍ଶିନୀ ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ନବକିଶୋରପୁର ଗ୍ରାମର ଶଙ୍ଖ ମୁର୍ମୁଙ୍କଠାରୁ ୨୮ ଲିଟର ଓ କେନ୍ଦୁଆମୁଣ୍ଡି ଗ୍ରାମର ପ୍ରଦୀପ ମାରାଣ୍ଡିଠାରୁ ୩୦ ଲିଟର ଚୋରା ମହୁଲିମଦ ଜବତ କରାଯାଇଛି। ମଲ୍ଲାରପଦା ଏବଂ କେନ୍ଦୁଆମୁଣ୍ଡି ଗ୍ରାମର ଏକ ନିର୍ଜନ ସ୍ଥାନରୁ ୨୧୫ ଲିଟର ମଦ ଓ ୫୪୫୦ କେ.ଜି ପୋଚ ଜବତ କରାଯାଇଛି।

### ସଂକ୍ଷେପରେ

## ବୁଦାରୁ ଯୁବକଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ଯୋଡ଼ା,୧୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦାରେ ଜଣେ ଯୁବକଙ୍କ ମୃତଦେହ ଏକ ବୁଦାରୁ ଜବତ ହୋଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଦଲ କି ଅଞ୍ଚଳର ଦୁର୍ଗା ପ୍ରସାଦ ନାଏକ (୩୯)। ଏକ ହତ୍ୟା ଉଦ୍ୟମ ଘଟଣାରେ ଦୁର୍ଗା ସାକ୍ଷୀ ଥିବାରୁ ତଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ରିନା ନାଏକ ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ବଜାରଠାରୁ ଅଳ୍ପ ଦୂର ନାଳ ନିକଟ ପରିତ୍ୟକ୍ତ ବୁଦାରେ ଦୁର୍ଗାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହଠାରୁ କିଛି ଦୂରରେ ରକ୍ତ ଭିଜା ୨ଟି ଛୁରି ଓ ପଥର ପଡ଼ିଥିବା ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୬/୨୩) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି। ପ୍ରକାଶଯୋଗ୍ୟ, ଗତ ଜୁନ୍‌ରେ ଗ୍ରାମରେ ଜଣଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ଘଟଣାରେ ଦୁର୍ଗା ସାକ୍ଷୀ ଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଅଭିଯୁକ୍ତ ଦୁର୍ଗାଙ୍କୁ ମାମଲା ରଫାଦଫା କରିବାକୁ କହିଥିଲେ। ଦୁର୍ଗା ନ ମନିବାରୁ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।

## ରକ୍ତଦାନ ଶିବିର: ୪୭୦ ୟୁନିଟ୍ ରକ୍ତ ସଂଗ୍ରହ

ବାଲିଆପାଳ, ୧୬।୧୦(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜୀବନବିନ୍ଦୁ ଏବଂ ଓଡ଼ିଶା–ମୋ ପରିବାରର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଉଦ୍‌ଘାଟନ କରି କେକ୍ କାଟିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ବସ୍ତା ବିଜେଡି ନେତା ମହାଦେବ ଦାସ, ବସ୍ତା ୧୪ ନମ୍ବର ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡ଼ି, ମଧୁପୁରା ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ବାଲିଆପାଳ ସରପଞ୍ଚ ବାନଲତା ଦାସ, ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି, ହେମନ୍ତ ଦାସ,ବିଜେଡି ନେତା ତୁଷାରକାନ୍ତି ବେହେରା, ଦେଭୋଗ ସରପଞ୍ଚ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଘଣ୍ଟୁଆ ସରପଞ୍ଚ ସୁଶୀଲ୍ ପ୍ରଧାନ, ବାଲିଆପାଳ ବିଜେଡି ସଭାପତି ଏସ୍‌କେ ଦାଦୁ, ନିଖିରା ସରପଞ୍ଚ ଅଞ୍ଜନ କୁମାର ଗିରି, ଦେଉଳା ବିଜେଡି ନେତା ଅନନ୍ତ ବିଶ୍ୱାଳ, ବିଷ୍ଣୁପୁର ବିଜେଡି ଯୁବ ସଭାପତି ହରିଶ୍ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାଲିଆପାଳ ବ୍ଲକ ପୂର୍ବତନ ଛାତ୍ର ସଭାପତି ଲକ୍ଷ୍ମୀଧର ପାତ୍ର, ଜିଲା ସମ୍ପାଦକ ଭୈରବ ଦାସ, ପୂର୍ବତନ ଯୁବ ସଭାପତି ସଞ୍ଜୟ ପ୍ରଧାନ, ପୂର୍ବତନ ଜିଲା ସମ୍ପାଦକ ଉଜ୍ଜଳ କୁମାର ଗିରି, ଚିନ୍ମୟ ପାଲ, ଭୁବନ ଜେନା, ସମିତି ସଦସ୍ୟ ପ୍ରତିନିଧି କାର୍ତ୍ତିକ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାଥମିକତା ଦେବାକୁ ପରାମର୍ଶ

### ଧାମନଗର ବିଧାୟକଙ୍କ ସମୀକ୍ଷା ବୈଠକ

### ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠୁଛି

ତିହିଡ଼ି,୧୬।୧୦(ସଞ୍ଜିତ ବଳ)


ଅନୁଷ୍ଠିତ ସମୀକ୍ଷା ବୈଠକ।

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ୍‌ର ୧୩ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଧାମନଗର ବିଧାୟକଙ୍କ ସମୀକ୍ଷା ବୈଠକରେ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଏହି ଅଭିଯୋଗ କରିଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ବିଡିଓ ଜ୍ୟୋର୍ତିମୟ କର ଖାଦ୍ୟ ସୁରକ୍ଷା ଯୋଜନାରେ ଥିବା ଆବେଦନ ଟାର୍ଗେଟ ଆସିଲେ ପୂରଣ ହେବ ବୋଲି କହିବା ସହ କାର୍ଯ୍ୟଭାର ନେବା ପରେ ୮ହଜାର ନୂତନ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିଥିବା ପ୍ରାରମ୍ଭରେ ସୂଚନା ଦେଇଥିଲେ। ଅଚକ ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ଭୋଇ ଆଧାରକାର୍ଡ ତ୍ରୁଟି ନେଇ ପଞ୍ଚାୟତରେ ୩ ଶହ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ କରିଥିଲେ। ପାଳିଆବିନ୍ଧା ପଞ୍ଚାୟତରେ ବର୍ଷେ ହେଲା ୫ ମୃତ ହିତାଧିକାରୀଙ୍କ ନାମରେ ଚାଉଳ ଉଠାଯାଉଥିବା ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ ଅଭିଯୋଗ କରିଥିଲେ। ବୋଡ଼କ ଗ୍ରାମରେ ଜଣେ ୧୦୨ ବର୍ଷିୟା ବୃଦ୍ଧା ଯୋଜନାରୁ ବାଦ ପଡ଼ି ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିବା ଭାଜପା ମଣ୍ଡଳ ସଭାପତି ପ୍ରମୋଦ ଦାସ ଅଭିଯୋଗ କରିଥିଲେ। ବ୍ଲକ୍‌ଯୋଗାଣ ନିରୀକ୍ଷକ ଅଜୟ ଦାସ ସୂଚନା ଦେଇଥିଲେ, ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ୧୩୯ଜଣ ହିତାଧିକାରୀ ୨ଟି ସ୍ଥାନରୁ ଚାଉଳ ଉଠାଉଛନ୍ତି। ଏହାର ତଦନ୍ତ କରାଯିବା ସହ ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ତାଲିକାରେ ଯୋଡ଼ିବା ପାଇଁ ନିଆଯିବ। ୮୧ ବର୍ଷର ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିଥିବା ବେଳେ ୬୧ ବର୍ଷର ହିତାଧିକାରୀଙ୍କ ଭତ୍ତା ମିଳୁଥିବା ନେଇ ଅଭିଯୋଗ ହୋଇଥିଲା। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ଜିଲା ପ୍ରଶାସନର ତାଲିକା କ୍ରମେ ଭତ୍ତା ବଣ୍ଟନ କରାଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ବିଧାୟକଙ୍କ ପ୍ରିତିନିଧି ବୁଦ୍ଧଦେବ ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସଞ୍ଜୀବ ବେହେରା, ନିହାରିକା ବିଶ୍ୱାଳ, ସମିତିସଭ୍ୟ ଭକ୍ତହରି ମଳିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ‘କେନ୍ଦେରା ବୁଢ଼ାର କଥା’କୁ ସଫଳତା


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶିକ୍ଷୟିତ୍ରୀ ସନ୍ଧ୍ୟା ଦାସ।

ବାଲେଶ୍ୱର, ୧୬।୧୦ (ମାନସ ବିଶ୍ୱାଳ)

### ରାଜ୍ୟସ୍ତରୀୟ ଶିଶୁନାଟକ ମହୋତ୍ସବ

ବାଲେଶ୍ୱର ଷ୍ଟେଶନ ଛକସ୍ଥିତ ଗାନ୍ଧୀ ସ୍ମୃତିଭବନ ପରିସରରେ ନାଟକ ଓ ସଂସ୍କୃତିର ଅନୁଷ୍ଠାନ ‘କଳାକାର’ ବାଲେଶ୍ୱର ପକ୍ଷରୁ ଆୟୋଜିତ ୨୪ତମ ରାଜ୍ୟସ୍ତରୀୟ ଶିଶୁନାଟକ ମହୋତ୍ସବ ୮ ଦିନ ବ୍ୟାପୀ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ଜିଲା ସ୍କୁଲ ପକ୍ଷରୁ ପରିବେଷିତ ନାଟକ ‘କେନ୍ଦେରା ବୁଢ଼ାର କଥା’କୁ ସଫଳତା ମିଳିଛି। ବରିଷ୍ଠ ଶ୍ରେଣୀ ଅଷ୍ଟମ, ନବମ, ଦଶମ ପାଇଁ ହୋଇଥିବା ଏହି ନାଟକ ଏକାଧାରାରେ ଦର୍ଶକ ମଣ୍ଡଳୀ ସ୍ୱତନ୍ତ୍ର ପୁରସ୍କାର, ଶ୍ରେଷ୍ଠ ସାମଗ୍ରିକ ପ୍ରୟାସ ସ୍ୱତନ୍ତ୍ର ପୁରସ୍କାର, ୨ୟ ଶ୍ରେଷ୍ଠ ପ୍ରଯୋଜନା, ୨ୟ ଶ୍ରେଷ୍ଠ ନାଟକ ନିମନ୍ତେ ଜିଲା ସ୍କୁଲକୁ ଗୌରବାନ୍ୱିତ କରିଛି। ପ୍ରଯୋଜନା ନିମନ୍ତେ ଜିଲା ସ୍କୁଲର ଶିକ୍ଷୟିତ୍ରୀ ସନ୍ଧ୍ୟା ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ନାଟକକୁ ସ୍କୁଲ ଶିକ୍ଷକ ପ୍ରଶାନ୍ତ ମଲିକ ରଚନା କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟା ଦାସ ନିର୍ଦ୍ଦେଶନା ଦେଇଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ରଙ୍କ ଆଗ୍ରହ ତଥା ସହଯୋଗ ନିମନ୍ତେ ଏହା ସଫଳତାର ଶୀର୍ଷକୁ ପହଞ୍ଚିପାରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି ପ୍ରକାଶ କରିଛନ୍ତି।

## ପାଟଣା ରେଞ୍ଜରେ ବନ୍ୟପ୍ରାଣୀ ଚିହ୍ନଟ ସର୍ଭେ ଆରମ୍ଭ

ପାଟଣା,୧୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ସୋମବାରଠାରୁ ବନ୍ୟପ୍ରାଣୀ ଚିହ୍ନଟ ସର୍ଭେ ଆରମ୍ଭ ହୋଇଛି। ରେଞ୍ଜରେ ୩ ସେକ୍ସନର ୧୪ ବିଟ୍ ଅଞ୍ଚଳରେ ବିଭିନ୍ନ ବନ୍ୟପ୍ରାଣୀଙ୍କ ପାଦଚିହ୍ନ, ମଳ ସଂଗ୍ରହରୁ ଉପସ୍ଥିତି ସମ୍ପର୍କରେ ଜାଣି ହେବ ବୋଲି ପାଟଣା ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି। ରେଞ୍ଜରଙ୍କ ନେତୃତ୍ୱରେ ପାଟଣା ବନପାଳ ପିଅନ ନାଏକ, କ୍ଷୀରେଇଟାଙ୍ଗିରି ବନପାଳ ଶିବନାରାୟଣ ଦେବ, ସାହାରପଡ଼ା ବନପାଳ ଭୂପତି ସେଠୀଙ୍କ ସହ ବିଟ୍‌ର ବନରକ୍ଷୀ ଓ ପାରାଷ୍ଟାଫମାନେ ସାମିଲ ହୋଇଛନ୍ତି। ତିନି ଦିନ ଧରି ଏହି ସର୍ଭେ କାର୍ଯ୍ୟ ଚାଲିବ। ପ୍ରଥମ ଦିନରେ କୌଣସି ବନ୍ୟପ୍ରାଣୀଙ୍କ ପାଦଚିହ୍ନ ଠାବ କରାଯାଇନାହିଁ। ରେଞ୍ଜର ତଣ୍ଡବିଟ୍‌ର ଅଟେଇ ସଂରକ୍ଷିତ ଜଙ୍ଗଲ, ପୁରୁଣାପାଣି ଜଙ୍ଗଲ, ଖିରେଇଟାଙ୍ଗିରି ବିଟ୍‌ର ଯମୁନାପଶି ଜଙ୍ଗଲ, ରାଜନଗର ବିଟ୍‌ର ତିଣ୍ଡାଜଙ୍ଗଲ ବନ୍ୟପ୍ରାଣୀ ଚିହ୍ନଟ ସର୍ଭେ ଆରମ୍ଭ ହୋଉଛି।

## ହତ୍ୟାକାରୀଙ୍କୁ ଗିରଫ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ,୧୬।୧୦(ସନାତନ ରାଉତ)


ଏସ୍‌ପି ଅଫିସ ସମ୍ମୁଖରେ ପଦ୍ମଲୋଚନ ଓ ତାଙ୍କ ପରିବାର ଲୋକ।

ପୁଅ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଭଦ୍ରକ ଜିଲା ଧୂଷୁରୀ ଥାନା ନୂଆହାଟ ନସଲାପୁର ଗ୍ରାମର ପଦ୍ମଲୋଚନ ଦାସ ଓ ତାଙ୍କ ପରିବାର ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସେପ୍ଟେମ୍ବର ୨୧ ତାରିଖରେ ସାନପୁଅ ଧନଞ୍ଜୟ (୧୮)କୁ କେହି ହତ୍ୟା କରି ଗାଁ ନିକଟ କେନାଲ ପାର୍ଶ୍ୱ ଏକ ଗଛରେ ଟାଙ୍ଗି ଦେଇଥିବା ନେଇ ପଦ୍ମଲୋଚନ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମଧ୍ୟ ଏଯାଏ ପୋଲିସ କାହାକୁ ଗିରଫ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଏକ ଗାମୁଛାରେ ତାଙ୍କ ପୁଅର ମୃତଦେହ ଝୁଲୁଥିବା ବେଳେ ଦୁଇପାଦ ଭୂମିରେ ଲାଗିଥିବାରୁ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଘଟଣା ପୂର୍ବଦିନ ରାତିରେ ତାଙ୍କ ପୁଅର ମୋବାଇଲକୁ ଏକ କଲ୍ ଆସିଥିଲା। ଏହି ନମ୍ବରକୁ ଯାଞ୍ଚ କରି ତଦନ୍ତ କରାଇଲେ ହତ୍ୟାକାରୀ ଧରାପଡ଼ିବେ ବୋଲି ସେ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଏନେଇ ଏସ୍‌ପି ବରୁଣ ଗୁଂଟୁପାଲି ଆସନ୍ତା ୨୪ ତାରିଖରେ ଧୂଷୁରୀ ଥାନା ସହ ଯୋଗାଯୋଗ କରି ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ପଦ୍ମଲୋଚନ ପ୍ରକାଶ କରିଛନ୍ତି।

## ୧୪୪ ଅଭିଯୋଗ ଶୁଣିଲେ ଜିଲାପାଳ,ଏସ୍‌ପି

ଖଇରା, ୧୬।୧୦(ଉତ୍କଳବନ୍ଧୁ ପଣ୍ଡା)


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ପରିସରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ସାଗରିକା ନାଥ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ମୋଟ ୧୪୪ ଅଭିଯୋଗର ଶୁଣାଣି କରାଯାଇଥିଲା। ଖଇରା ବ୍ଲକର ମହତୀପୁର ଓ ସୁଣ୍ଡିରା ପଞ୍ଚାୟତକୁ ପ୍ରସ୍ତାବିତ ତୁଡିଗଡିଆ ଫାଣ୍ଡି ଅଧୀନରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଏହାକୁ ସୁଣ୍ଡିରା ସମିତିସଭ୍ୟ ନଳିନୀ ସାହୁଙ୍କ ସମେତ ଉଭୟ ପଞ୍ଚାୟତର ବହୁ ଗ୍ରାମବାସୀ ବିରୋଧ କରି ପୂର୍ବବତ୍ ଖଇରା ଥାନା ଅଧୀନରେ ରଖିବାକୁ ଲିଖିତ ଭାବେ ଦାବି କରିଥିଲେ। ଖଇରା ହାଇସ୍କୁଲ ନାମରେ ଥିବା ଜମିରୁ ୫୫ ଡିସିମିଲ ଜମିରେ ଆହାର କେନ୍ଦ୍ର ଓ ଡାକ୍ତର କ୍ୱାର୍ଟର୍ସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯିବା ପ୍ରତିବାଦରେ କମିଟି ସଭାପତି ସଞ୍ଜୟ କୁମାର ସାହୁ, ଅରୁଣ କୁମାର ସ୍ୱାଇଁ, ମୁକ୍ତିକାନ୍ତ ଶତପଥି, ପୀୟୁଷ ଶତପଥି ଓ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତୁମ୍ବାପଦି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଦ୍ୱାରା ହୋଇଥିବା ଆର୍ଥିକ ଅନିୟମିତତା ତଦନ୍ତ କରିବାକୁ ତୁମ୍ବାପଦି ଓ ବଗଦିଆ ଗ୍ରାମବାସୀ ଦାବି କରିଥିଲେ। କୁପାରୀ ଓ ବର୍ଦ୍ଧନା ରାଜସ୍ୱ କ୍ଷେତ୍ରରେ ବହୁ ମାଙ୍କଡା ପଥର ମହଜୁଦ ଥିବା ବେଳେ ବହୁ ସମୟରେ ଚୋରି ଯୋଗୁ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ଜଗିବା ପାଇଁ ଅଯଥା ସମୟ ଅପଚୟ କରିବାକୁ ପଡୁଛି। ଏହାକୁ ସରକାରୀ ଭାବେ ନିଲାମ କରାଗଲେ ରାଜସ୍ୱ ବୃଦ୍ଧି ହୋଇପାରନ୍ତା ବୋଲି ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ବିଚିତ୍ର ପାତ୍ର ଓ ଅନୀତା ପାଇକରାୟ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଖଇରା ଉପନିବନ୍ଧକ କାର୍ଯ୍ୟାଳୟକୁ ରାସ୍ତା ନିର୍ମାଣରେ ଉପନିବନ୍ଧକ ସହଯୋଗ ନ କରିବା ପ୍ରତିବାଦରେ ଆଳଦା ଗ୍ରାମର ଧନଞ୍ଜୟ ପଣ୍ଡା, ଧରଣୀଧର ଦାସ, ଦେବୀପଦ୍ମା ପଣ୍ଡା ଜିଲାପାଳଙ୍କୁ ଅବଗତ କରିଥିଲେ। ଗୋପାଳ ଡିଷ୍ଟ୍ରିବ୍ୟୁଟରୀ ଅଧୀନରେ ବରଦାଠାରୁ ଗରସଙ୍ଗ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କେନାଲ ରାସ୍ତା ନିର୍ମାଣର ୮ଦିନ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବା ନେଇ ଗରସଙ୍ଗ, ବରଦା, ଅନ୍ତରା, ବଡଜୟୀପୁର ଓ ରପେୟା ପଞ୍ଚାୟତର ବହୁ ଜନସାଧାରଣ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଖଇରା ପଞ୍ଚାୟତ ସମିତି ଅଧୀନରେ ବ୍ୟାପକ ଅନିୟମିତତା ସମ୍ପର୍କରେ ପୂର୍ବ ଶିବିରରେ ଅଭିଯୋଗ କରାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତଦନ୍ତ କରାଯାଉ ନ ଥିବା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଜିଲାପାଳଙ୍କୁ ଜଣାଇଥିଲେ। ଖଇରା ତହସିଲରେ ଚତୁର୍ଥଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ଟେଣ୍ଡରରେ ଅନିୟମିତତା ହୋଇଥିବା ନେଇ ମାଣିତ୍ରୀର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ ତଥା ଉକ୍ତ ପଞ୍ଚାୟତର ବହୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଡିଓ ଉତ୍ତମ କୁମାର ଜେନା, ଉପଜିଲାପାଳ କୁନାଲ ଚୌହାନ, ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ତହସିଲଦାର ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ,ଟଙ୍କା ପାଇଁ ହତ୍ୟା କରିଥିଲେ ସାଙ୍ଗ

### ଯୋରରୁ ମୃତଦେହ ଜବତ ଘଟଣା

ଚାନ୍ଦବାଲି,୧୬।୧୦(କିଶାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଚାନ୍ଦବାଲି ଥାନା ମାଧପୁର ପଞ୍ଚାୟତ ଅଖଣାସାହି ଯୋରରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାର ପୋଲିସ ଖୁଲାସା କରିଛି। ମୋବାଇଲ ଓ ଟଙ୍କାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ସାଙ୍ଗ ଜୟଦେବ ଦାସଙ୍କୁ ପୋଲିସ ଗିରଫ କରିଥିବା ସୋମବାର ଖବରଦାତା ସମ୍ମିଳନୀରେ ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜୟଦେବ ଦାସଙ୍କ ମୋବାଇଲକୁ ସୁକାନ୍ତ ଭାଙ୍ଗି ଦେଇଥିଲା। ତା ବଦଳରେ ଟଙ୍କା ଦେଇ ନ ଥିବାରୁ ତାଙ୍କୁ ହତ୍ୟା କରିଥିଲେ। ପରେ ପ୍ରମାଣ ଲୁଚାଇବା ପାଇଁ ସାଳନ୍ଦୀ ନଦୀର ନଟିଆ ଯୋରରେ ମୃତଦେହକୁ ଫିଙ୍ଗି ଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ହତ୍ୟାକାରୀଙ୍କ ନିକଟରୁ ପୋଲିସ ମୃତକଙ୍କ ମୋବାଇଲ ଜବତ କରିଛି। ଏ ନେଇ ଏକ ମାମଲା (ନଂ. ୨୧୪/୨୩) ରୁଜୁ କରି ହତ୍ୟାକାରୀ ଜୟଦେବ ଦାସକୁ କୋର୍ଟଚାଲାଣ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ସୁଶାନ୍ତ


@ରିଲୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମେଧା ଅନ୍ୱେଷଣ ପରୀକ୍ଷା



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ବାରିପଦା,୧୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମେଧା ଅନ୍ୱେଷଣ ପରୀକ୍ଷା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାର ସମସ୍ତ ୨୬ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀର ୩୦୫ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୩୮୦ ଜଣ ଛାତ୍ରୀ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପଞ୍ଚମ ଶ୍ରେଣୀରୁ ବିଶ୍ୱଜିତ ସାହୁ, ତୃପ୍ତିରେଖା ଶେଜପଡ଼ା ଓ ସାଇକୃଷ୍ଣ ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଅଷ୍ଟମ ଶ୍ରେଣୀରୁ ଶୁଭମ ବାରିକ, ଅର୍ପିତା ସାହୁ ଓ ସୁଧାମୟୀ ରାଜ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ପ୍ରଶାନ୍ତ କୁମାର ଦାସ ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଛାତ୍ର ମେଧାବୃତ୍ତି ଓ ପୁରସ୍କାର ପ୍ରଦାନ କରିଥିଲେ।

## ବ୍ଲକ୍ କଂଗ୍ରେସର ସାଙ୍ଗଠନିକ ବୈଠକ



କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ।

ଚମ୍ପୁଆ,୧୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ କଂଗ୍ରେସ ଦଳକୁ ତଳସ୍ତରରୁ ସାଂଗଠନିକ ମଜବୁତ କରିବା ଲକ୍ଷ୍ୟ ନେଇ ସ୍ଥାନୀୟ ଯାତ୍ରା ପଡ଼ିଆଠାରେ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମ୍ପୁଆ ବ୍ଲକ୍‌ର ୧୯ ପଞ୍ଚାୟତର କର୍ମୀଙ୍କ ଉପସ୍ଥିତି ହୋଇଥିଲେ। ବୈଠକରେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପୂର୍ବତନ ବିଧାୟକ ପ୍ରାର୍ଥୀ ଜଦୁମଣୀ ବାରିକ, ଜିଲା ଯୁବ କଂଗ୍ରେସ ସଭାପତି ସୁନେସ ଧିର ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ମହଙ୍ଗା ମାଡ଼, କୃଷକଙ୍କ ସମସ୍ୟା, ମହିଳା ଅତ୍ୟାଚାରିତା, ବେକାରୀ ସମସ୍ୟା ଆଦି ନେଇ ସରକାରଙ୍କୁ ବିସଦଗାର କରିଥିଲେ। ଏପରିକି କଂଗ୍ରେସ ଘରକୁ ଘର ବୁଲି ଏହି ବାର୍ତ୍ତା ପହଁଚାଇବ ବୋଲି ସୂଚନା ଦେଇଥିଲେ।

